# NATIONAL NEWS BULLETIN (ODIA)

**28 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଭଦୋଦରାଠାରେ ସି-୨୯୫ ବିମାନ ଉତ୍ପାଦନ ପାଇଁ ଟାଟା ଏୟାରକ୍ରାଫ୍ଟ କଂପ୍ଲେକ୍ସର କଲେ ଉଦ୍‌ଘାଟନ ।

– ବିମାନ ନିର୍ମାଣ କ୍ଷେତ୍ରରେ ଏହା ଭାରତର ଏକ ବିଶ୍ୱସନୀୟ ଭାଗିଦାରୀ, କହିଲେ ପ୍ରଧାନମନ୍ତ୍ରୀ

- ୨୦୨୪-୨୫ ଖରିଫ୍ ବିପଣନ ଋତୁରେ ୧୮୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ, କହିଲେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ

- ଜାମ୍ମୁ କାଶ୍ମୀରର ଅଖ୍‌ନୁର ସେକ୍ଟର ଅଞ୍ଚଳରେ ସନ୍ତ୍ରାସବାଦୀମାନଙ୍କୁ ଠାବ କରିବା ଲାଗି ସେନାବାହିନୀ ପକ୍ଷରୁ ତଲାସୀ ଅଭିଯାନ ଜୋରଦାର ।

ଏବଂ

- ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ଲକ୍ଷ୍ୟରେ ଆଜିଠାରୁ ସମଗ୍ର ଦେଶରେ ପାଳିତ ହେଉଛି ଭିଜିଲାନ୍ସ ସଚେତନତା ସପ୍ତାହ

## ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଭଦୋଦରାଠାରେ ଆଜି ସି-୨୯୫ ବିମାନ ଉତ୍ପାଦନ ପାଇଁ ଟାଟା

ଏୟାରକ୍ରାଫ୍ଟ କଂପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି । ସାମରିକ ବିମାନ ନିର୍ମାଣ କ୍ଷେତ୍ରରେ ଏହା ଭାରତରେ ପ୍ରଥମ ଘରୋଇ କ୍ଷେତ୍ର ଫାଇନାଲ୍ ଆସେମ୍ବଲ ଲାଇନ୍ ଉତ୍ପାଦନ ସଂସ୍ଥା ହେବ। ଏହି ଅବସରରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିମାନ ନିର୍ମାଣ କ୍ଷେତ୍ରରେ ଟାଟା ଏୟାରକ୍ରାଫ୍ଟ କଂପ୍ଲେକ୍ସ ଭାରତର ଏକ ବିଶ୍ୱସନୀୟ ଭାଗିଦାରୀ । ଏହି ନିର୍ମାଣ ସଂସ୍ଥା ଭାରତ ଓ ସ୍ପେନ୍ ମଧ୍ୟରେ ସଂପର୍କକୁ ସୁଦୃଢ଼ କରିବା ସହିତ ଭାରତର ମେକ୍ ଇନ୍ ଇଣ୍ଡିଆ ଏବଂ ବିଶ୍ୱ ମିଶନ ଗଠନ ପ୍ରକ୍ରିୟାକୁ ସଶକ୍ତ କରିବ। ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ଭାରତର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱ ପାଇଁ ବେସାମରିକ ବିମାନ ନିର୍ମାଣ ନିମନ୍ତେ ଭାରତ ପାଇଁ ଆଉ ଅଧିକ ଦିନ ବାକି ନାହିଁ । ଭାରତର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।ପ୍ରଧାନମନ୍ତ୍ରୀ ଭାରତର ପ୍ରତିରକ୍ଷା କ୍ଷେତ୍ର ଏବଂ ଦେଶରେ ପ୍ରତିରକ୍ଷା ଶିଳ୍ପକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି ।

ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ଘରୋଇ ଭାଗିଦାରୀକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଗତ ୫ ବର୍ଷ ମଧ୍ୟରେ ଦେଶରେ ପାଖାପାଖି ୧ ହଜାର ପ୍ରତିରକ୍ଷା ଷ୍ଟାର୍ଟଅପ୍ ସ୍ଥାପନ ହୋଇଛି । ସେହିପରି ଗତ ୧୦ ବର୍ଷ ମଧ୍ୟରେ ଭାରତର ପ୍ରତିରକ୍ଷା ରପ୍ତାନୀ ପରିମାଣ ୩୦ଗୁଣ ବୃଦ୍ଧି ପାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତ ବର୍ତ୍ତମାନ ବିଶ୍ୱର ଶହେରୁ ଉର୍ଦ୍ଧ୍ୱ ଦେଶକୁ ପ୍ରତିରକ୍ଷା ଯନ୍ତ୍ରାଂଶ ରପ୍ତାନୀ କରିବାକୁ ସମର୍ଥ ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଭଦୋଦରାରେ ଟାଟା ଏୟାରକ୍ରାଫ୍ଟ କଂପ୍ଲେକ୍ସ ନିର୍ମାଣ ଦ୍ୱାରା ଯୁବାବର୍ଗ ବୈଷୟିକ କ୍ଷେତ୍ରରେ ଦକ୍ଷତା ହାସଲ

କରିପାରିବେ ଏବଂ ବହୁସଂଖ୍ୟାରେ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ । ଭାରତ ଓ ସ୍ପେନ୍ ଆସନ୍ତା ୨୦୨୬ ବର୍ଷକୁ ସଂସ୍କୃତି, ପର୍ଯ୍ୟଟନ ଏବଂ ଏ.ଆଇ.ର ବର୍ଷ ଭାବେ ପାଳନ କରିବେ ବୋଲି ଉଭୟ ପକ୍ଷ ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ସ୍ପେନ୍‌ର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ କହିଛନ୍ତି, ଏୟାରବସ୍ ଏବଂ ଟାଟାର ଭାଗିଦାରୀ ଭାରତର ବିମାନ ନିର୍ମାଣ ଶିଳ୍ପର ଉନ୍ନତି ଦିଗରେ ସହାୟକ ହେବ ଏବଂ ଅନ୍ୟ ୟୁରୋପୀୟ କମ୍ପାନୀଗୁଡ଼ିକୁ ଭାରତରେ ନିଜର ସଂସ୍ଥା ନର୍ମାଣ ପାଇଁ ଦ୍ୱାର ଉନ୍ମୁକ୍ତ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଅମ୍ରେଲିଠାରେ ପ୍ରାୟ ୪ ହଜାର ୯୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ସେ ମଧ୍ୟ ଢ଼ୋଲକିଆ ସଂସ୍ଥାର ଜଳସଂରକ୍ଷଣ ପ୍ରକଳ୍ପ ଏବଂ ଧୁଦାଲା ଭାରତମାତା ସରୋବର ପ୍ରକଳ୍ପର ଉଦ୍‌ଘାଟନ କରିବେ ।

## ପ୍ରହ୍ଲାଦ ଯୋଶୀ

ଖାଉଟି ବ୍ୟାପାର, ଖାଦ୍ୟ ଯୋଗାଣ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ୨୦୨୪-୨୫ ଖରିଫ୍ ବିପଣନ ଋତୁରେ ୧୮୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ । ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଯୋଶୀ କହିଛନ୍ତି ଖୁବ୍‌ଶୀଘ୍ର ଧାନ ମିଲରମାନଙ୍କ ଅଭିଯୋଗ ସମାଧାନ ନିମନ୍ତେ ଅନ୍‌ଲାଇନ୍ ପୋର୍ଟାଲ୍ କରାଯିବ । ଫଳରେ ମିଲରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରାଯାଇ ପାରିବ । ମନ୍ତ୍ରୀ ଶ୍ରୀ ଯୋଶୀ

କହିଛନ୍ତି ପଞ୍ଜାବରେ ଅକ୍ଟୋବର ପହିଲାରୁ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଧାନ ସଂଗ୍ରହ ସୁପରିଚାଳନା ନିମନ୍ତେ ୨ ହଜାର ୭ଶହଟି ମଣ୍ଡୀ କରାଯାଇଛି । ସେପ୍ଟେମ୍ବର ମାସରେ ପ୍ରବଳ ବର୍ଷା କାରଣରୁ ଧାନ ଅମଳ ଏବଂ ସଂଗ୍ରହ ପରିମାଣ ବିଳମ୍ବ ହୋଇଥିଲା । ଏଣୁ ଏପର୍ଯ୍ୟନ୍ତ ମାତ୍ର ୫୦ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇ ପାରିଛି । ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ଘରୋଇ ଉଦ୍ୟୋଗ ଗ୍ୟାରେଣ୍ଟି ସ୍କିମ୍ ଅଧୀନରେ ୩୧ ଲକ୍ଷ ମେଟ୍ରିକ୍ ଟନ୍ ସଂରକ୍ଷଣ  କ୍ଷମତା ବିଶିଷ୍ଟ ବହୁସଂଖ୍ୟାରେ ଗୋଦାମ ନିର୍ମାଣ କରାଯିବ ।

## ଆସାମ ବାଇପୋଲ୍

ଆସାମର ଧୋଲାଇ, ସାମାଗୁରୀ, ବେହାଲୀ, ସିଡ଼୍ଲି ଏବଂ ବୋଙ୍ଗାଇଗାଓଁ ଆଦି ୫ଟି ନିର୍ବାଚନ ମଣ୍ଡଳୀରେ ଆସନ୍ତା ମାସ ୧୩ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଉପନିର୍ବାଚନ ନିମନ୍ତେ ମନୋନୟନପତ୍ର ଗୁଡ଼ିକର ଯାଞ୍ଚ କାର୍ଯ୍ୟ ଜାରି ରହିଛି । ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ୩୮ ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଛନ୍ତି । ଶାସକ ବିଜେପି ଦଳର ପ୍ରାର୍ଥୀ ୩ଟି ଆସନ ପାଇଁ ମନୋନୟନପତ୍ର ଦାଖଲ କରିଥିବା ବେଳେ ୟୁପିପିଏଲ୍ ଏବଂ ଆସାମ ଗଣପରିଷଦ ଗୋଟିଏ ଲେଖାଏଁ ଆସନରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ବିରୋଧୀ କଂଗ୍ରେସ ୫ଟି ଆସନରେ ପ୍ରାର୍ଥୀ ଦେଇଛି । ଆପ୍ ୨ଟି ଆସନରେ ଏବଂ ପିପୁଲ୍ସ ଫ୍ରଣ୍ଟ ଗୋଟିଏ ଆସନରେ ପ୍ରାର୍ଥୀ ଦେଇଛି ।

# ଜେକେ ସର୍ଚ୍ଚ ଅପରେସନ୍

ଜାମ୍ମୁ କାଶ୍ମୀରର ଅଖ୍‌ନୁର ସେକ୍ଟର ଅଞ୍ଚଳରେ ସେନାବାହିନୀ ଗାଡ଼ି ଉପରକୁ ସନ୍ତ୍ରାସବାଦୀମାନେ ଗୁଳି ଚାଳନା କରିଥିବା ଜଣାପଡ଼ିଛି । ଆକାଶବାଣୀର ଜାମ୍ମୁ ସମ୍ବାଦଦାତାଙ୍କ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଜାମ୍ମୁ ଜିଲ୍ଲା ଅନ୍ତର୍ଗତ ଅଖ୍‌ନୁର୍ ସେକ୍ଟରର ବାତାଲ ଅଞ୍ଚଳରେ ସୁରକ୍ଷାବାହିନୀ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଖାଓର ବାତାଲ ଅଞ୍ଚଳରେ ସନ୍ତ୍ରାସବାଦୀମାନେ ଲୁଚି ରହିଥିବା ଖବର ମିଳିବା ପରେ ତଲାସି ଅଭିଯାନକୁ ଜୋରଦାର କରାଯାଇଛି । ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଗୁଳି ଚାଳନାର ଶବ୍ଦ ମଧ୍ୟ ଶୁଣିବାକୁ ମିଳିଛି । ସୁରକ୍ଷା ବାହିନୀ ଏବଂ ପୋଲିସ୍ ପକ୍ଷରୁ ସେହି ଗ୍ରାମଗୁଡ଼ିକୁ ଚତୁର୍ଦ୍ଦିଗରୁ ଘେରାଉ କରାଯାଇ ତଲାସୀ କାର୍ଯ୍ୟକୁ କଡ଼ାକଡ଼ି କରାଯାଇଛି । ଲୁଚିରହିଥିବା ସନ୍ତ୍ରାସବାଦୀମାନଙ୍କୁ ଧରିବା ଲାଗି ବହୁସଂଖ୍ୟାରେ ସେନାବାହିନୀ ଯବାନମାନଙ୍କୁ ସେହି ଅଞ୍ଚଳରେ ମୁତୟନ କରାଯାଇଛି ।

ଜଗୁଆନ୍ ଆସନ ଟେମ୍ପଲ୍ ମୁଖ୍ୟ ରାସ୍ତା ଦେଇ ସେନାବାହିନୀର ଗାଡ଼ି ଅତିକ୍ରମ କରୁଥିବା ବେଳେ ଆଜି ସକାଳେ ସନ୍ତ୍ରାସବାଦୀମାନେ ଗୁଳି ଚାଳନା କରିଥିଲେ । ଏହି ଘଟଣାରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ । ଜାମ୍ମୁସ୍ଥିତ ସେନାବାହିନୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ସନ୍ତ୍ରାସବାଦୀମାନଙ୍କ ଗୁଳିଚାଳନାର ପ୍ରତିଜବାବ ଦିଆଯାଇଥିଲା । ଆସନ ମନ୍ଦିର, ଅଖନୁରର ବାତାଲ ଅଞ୍ଚଳରେ ପ୍ରାୟ ୩ ଜଣ ସନ୍ତ୍ରାସବାଦୀ ଲୁଚି ରହିଥିବା ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସନ୍ତ୍ରାସବାଦୀମାନେ ଗତରାତିରେ ସୀମା ପାର କରି ଜାମ୍ମୁ ଭିତରକୁ ଅନୁପ୍ରବେଶ କରିଥିବା ସୂଚନା ମିଳିଛି ।

# ତେଲଙ୍ଗାନା ପ୍ରୋହିବିସନ

ହାଇଦ୍ରାବାଦ ସିଟି ପୋଲିସ୍ କମିଶନର ସି.ଭି.ଆନନ୍ଦ ସାଧାରଣ ଲୋକ ଏକାଠି ହେବା, ଧାରଣା ଏବଂ ଆନ୍ଦୋଳନ ଉପରେ ନିଷେଧାଦେଶ ଜାରି କରିଛନ୍ତି । ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅନ୍ତର୍ଗତ ଧାରା ୧୬୩ ଅଧୀନରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ପୂର୍ବରୁ ଏହା ୧୪୪ ଧାରା ନାମରେ ନାମିତ ଥିଲା । ଏହି ନିଷେଧାଦେଶ ଆସନ୍ତା ମାସ ୨୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ବିଭିନ୍ନ ରାଜନୈତିକ ଦଳ ଏବଂ ସଂସ୍ଥାମାନଙ୍କ ପକ୍ଷରୁ ଆନ୍ଦୋଳନ ଏବଂ ଧାରଣା କରାଯିବାର ସମ୍ଭାବନା ନେଇ ଗୁଇନ୍ଦା ରିପୋର୍ଟ ମିଳିବା ପରେ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି । କେବଳ ଇନ୍ଦିରା ପାର୍କ ଧାରଣାଚୌକ ଠାରେ ଶାନ୍ତିପୂର୍ଣ୍ଣ ଧାରଣା ଏବଂ ଆନ୍ଦୋଳନକୁ ଅନୁମତି ପ୍ରଦାନ କରାଯାଇଛି ।

# ବାଇଡେନ୍-ଦିୱାଲି

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ହ୍ୱାଇଟ୍ ହାଉସ୍‌ଠାରେ ଆଜି ସନ୍ଧ୍ୟାରେ ଭାରତୀୟ ବଂଶୋଦ୍ଭବଙ୍କ ସହ ଦୀପାବଳି ଉତ୍ସବ ପାଳନ କରିବେ । ଭାରତର ଐତିହ୍ୟ, ସଂସ୍କୃତିକୁ ସ୍ମରଣ କରି ଏବଂ ଆମେରିକା ଓ ଭାରତୀୟ ବଂଶୋଦ୍ଭବ ସମୁଦାୟମାନଙ୍କ ମଧ୍ୟରେ ସଂପର୍କକୁ ଦୃଢ଼ୀଭୂତ କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି । ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଗତବର୍ଷଠାରୁ ଏହି ପରମ୍ପରା ଜାରି ରହିଛି । ରାଷ୍ଟ୍ରପତି ତାଙ୍କର ମନ୍ତବ୍ୟ ଦେବା ପୂର୍ବରୁ ପ୍ରଦୀପ ପ୍ରଜ୍ୱଳନ କରିବେ । ଏହାପରେ ସେ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧିତ କରିବେ ।

# ଭିଜିଲାନ୍ସ ଆୱାରନେସ୍ ୱିକ୍

ସାର୍ବଜନୀନ ଜୀବନରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ଲକ୍ଷ୍ୟରେ ଆଜିଠାରୁ ସମଗ୍ର ଦେଶରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଦେଶ ସମୃଦ୍ଧି ପାଇଁ ଅଖଣ୍ଡତାର ସଂସ୍କୃତି ।** ସାଧାରଣ ପ୍ରଶାସନରେ ନୈତିକତା ଏବଂ ସ୍ୱଚ୍ଛତାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି । ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥାର କର୍ମଚାରୀ ଶପଥପାଠ ମାଧ୍ୟମରେ ସପ୍ତାହ ପାଳନ ଆରମ୍ଭ କରାଯିବ । ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଉଛି । ସୂଚନାଯୋଗ୍ୟ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମସପ୍ତାହ ପାଳନ ଅବସରରେ ପ୍ରତ୍ୟେକବର୍ଷ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଥାଏ ।

ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ କାର୍ଯ୍ୟାଳୟ ଠାରେ ସିଭିସି କମିଶନର ପ୍ରବୀନ କୁମାର ଶ୍ରୀବାସ୍ତବ ଏବଂ ଭିଜିଲାନ୍ସ କମିଶନର ଏ.ଏସ୍. ରାଜୀବ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ସେହିପରି ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିୱାଲଗୌର ଆକାଶବାଣୀ ଭବନ ପରିସରରେ କର୍ମଚାରୀମାନଙ୍କ ସହ ଭିଜିଲାନ୍ସ ସଚେତନତା ସପ୍ତାହ  ଅବସରରେ ଶପଥ ଗ୍ରହଣ କରିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡେଙ୍ଗୁର କାରଣ, ଲକ୍ଷଣ ଏବଂ ପ୍ରତିକାର** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଲେଡି ହାର୍ଡିଙ୍ଗେ ମେଡ଼ିକାଲ କଲେଜର ମେଡିସିନ୍ ବିଭାଗର ପ୍ରଫେସର ଡାକ୍ତର ଅନୁପମ ପ୍ରକାଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।